# ସରପଞ୍ଚଙ୍କୁ ଆକ୍ରମଣ ପ୍ରତିବାଦରେ ଥାନା ଘେରାଉ

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)


ରାୟଗଡ଼ା ଥାନା ସମ୍ମୁଖରେ ଭିଡ଼ ଜମାଇଥିବା ଜନପ୍ରତିନିଧି।

କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ୪ ଦିନ ବିତିଥିଲେ ମଧ୍ୟ ତଦନ୍ତ ବିଳମ୍ବିତ ହେଉଥିବା ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧି ସୋମବାର ମଧ୍ୟାହ୍ନ ପ୍ରାୟ ୧ଟା ୨୦ରେ ରାୟଗଡ଼ା ଥାନା ଘେରାଉ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ କାହିଁକି ବିଳମ୍ବ କରୁଛି ବୋଲି ଅନ୍ୟ ପଞ୍ଚାୟତର ସରପଞ୍ଚମାନେ ରାୟଗଡ଼ା ଥାନାକୁ ଆସି ପୋଲିସକୁ ପ୍ରଶ୍ନ କରିଛନ୍ତି। ଗତ ୧୬ ତାରିଖରେ ଆକ୍ରମଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ରାୟଗଡା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଦୃଢ଼ ଭାବରେ ନିନ୍ଦା କରିଛନ୍ତି। ଯଦି କୌଣସି ବିଧାୟକଙ୍କୁ ଏଭଳି ଆକ୍ରମଣ ହୋଇଥାନ୍ତା, ତେବେ ପୋଲିସ ତଦନ୍ତରେ ଏଭଳି ବିଳମ୍ବ କରିଥାନ୍ତା କି ବୋଲି ପୁଆଲା ପ୍ରଶ୍ନ ପଚାରିଛନ୍ତି । ଦିନକୁ ଦିନ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକଙ୍କ ପ୍ରତି ସରକାରୀ ଅଧିକାରୀଙ୍କ ହିନମନ୍ୟତାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସେମାନେ ଜିଲା ବନ୍ଦ ଡାକରା ଦେବେ ବୋଲି ଜିଲା ବହୁଜନ ସମାଜବାଦୀ ପାର୍ଟିର ନେତା ଜିତୁ ଜାକେସିକା ଚେତାବନୀ ଦେଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ନିର୍ବାଚିତ ପ୍ରତିନିଧି ଥାନାରେ ଆଇଆଇସି କେକେବିକେ କହଁର ଓ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ସହ ଆଲୋଚନା କରିଥିଲେ । ତଦନ୍ତ ଶେଷକରି ୪ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସେନାପତି ଆଶ୍ୱସନା ଦେବା ପରେ ନିର୍ବାଚିତ ପ୍ରତିନିଧିମାନେ ଥାନାରୁ ଫେରିଥିଲେ।

# ଆନ୍ତଃରାଜ୍ୟ ସଟଲ କର୍କ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

ଗୁଣପୁର, ୨୦।୧ (ପ୍ରଦୀପ କୁମାର ପାଢ଼ୀ)

ତ୍ରୟୋଦଶ ବଂଶଧାରା ବସନ୍ତ ମୋହତ୍ସବ ଉପଲକ୍ଷେ ସୋମବାର ଅପରାହ୍ନ ୫ଟାରେ ଗୁଣପୁର ପୌର ପରିଷଦ ସମ୍ମୁଖ ଚର୍ଚ୍ଚ କ୍ୟାମ୍ପସ ପରିସରରେ ଆଇ. ରାମ ବାବୁ ଆନ୍ତଃରାଜ୍ୟ ସଟଲ କର୍କ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ବ୍ଲକ ଫାଇନାନ୍ସ ଅଫିସର ଉମାକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ବଂଶଧାରା ବସନ୍ତ ମୋହତ୍ସବର ସଭାପତି ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଉମା ଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଏସ. ବାବା ପ୍ରସାଦ, କୃଷ୍ଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ପରିଷଦର ସଭାପତି ଦେବ ପ୍ରସାଦ ପାଢୀ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିବାବେଳେ ସମ୍ପାଦକ ସପନ ଦାସ ସଂଯୋଜନା କରିଥିଲେ । ମ୍ୟାଚରେ ରବୀନ୍ଦ୍ର ପଣ୍ଡା ଏବଂ କୃଷ୍ଣ ସେନାପତି ରେଫ୍ରି ଭାବେ କାର୍ଯ୍ୟ ତୁଲାଇଥିଲେ ।

# ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

ଟିକିରି,୨୦।୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୁଡକବହାଲ ଗ୍ରାମ ପଞ୍ଚାୟତରେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଇଡିଆଇଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜର ଏକ ଉଦ୍ୟୋମିତା ସଚେତନତା କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ମୁଖ୍ୟତଃ ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାବଲମ୍ବୀ ହେବାକୁ ବାର୍ତ୍ତା ଦିଆଯାଉଛି। କାର୍ଯ୍ୟକ୍ରମରେ ଟିକିରି ପୂର୍ବତନ ସରପଞ୍ଚ ସାନ୍ଧୁ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଗ୍ରାମ ରୋଜଗାର ସେବକ ଦମୟନ୍ତୀ ନାୟକ, ଏମ୍‌ବିକେ ପ୍ରିୟଙ୍କା ନାୟକ ପ୍ରମୁଖ ଯୋଗଦେଇ କାଶୀପୁର ବ୍ଲକରେ କାର୍ଯ୍ୟରତ ରାଇଜ ପ୍ରୋଜେକ୍ଟ ଆତ୍ମନିର୍ଭର ହେବାର ଏକ ସ୍ୱତନ୍ତ୍ର ସୁଯୋଗ ବୋଲି କହିଛନ୍ତି । ଜଣେ ଭଲ ଉଦ୍ୟୋଗୀ ସମାଜ ଆଉ ଦେଶର କଲ୍ୟାଣ କରିଥାଏ ଏବଂ ଇଡିଆଇଆଇ ଏଥିରେ ଲୋକଙ୍କୁ ସହାୟକ ହେଉଥିବାରୁ ସେମାନେ ପ୍ରଶଂସା କରିଥିଲେ । ଗ୍ରାମାଞ୍ଚଳ ମହିଳା ଆତ୍ମନିର୍ଭର ହେବା ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ସହାୟତା ବିଷୟରେ ମହିଳାମାନଙ୍କୁ ବୁଝାଇଥିଲେ । ପ୍ରକଳ୍ପ ରାଇଜର କୋର୍ଡିନେଟର୍ ଅଶ୍ୱିନୀ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତାରିଣୀ ଚରଣ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ହେବାପରେ ଆୟୋଜକମାନେ ବ୍ୟକ୍ତିଗତ ସାକ୍ଷାତକାର ଏବଂ ପରବର୍ତ୍ତୀ ସ୍ତର ପାଇଁ ହିତାଧିକାରୀ ଚୟନ କରିବାକୁ ଏକ ପ୍ରାଥମିକ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ଯେଉଁମାନେ ମନୋନୀତ ହେବେ ସେମାନେ ମିଲେଟରେ ଖାଦ୍ୟ ପ୍ରସ୍ତୁତି ଶିଖିବା ପାଇଁ ୧୮ ଦିନିଆ ଟେକ୍ନୋଲୋଜି ଆଧାରିତ ଉଦ୍ୟୋଗୀ କାର୍ଯ୍ୟକ୍ରମ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି।


କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସଚେତନ କରାଯାଉଛି।

# ୩୩ ଅଭିଯୋଗ ଶୁଣିଲେ ଏଡିଏମ୍


ଶିବିରରେ ରାୟଗଡ଼ା ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ପଦ୍ମପୁର,୨୦।୧ (ପ୍ରଶାନ୍ତ କୁମାର କର)

**ଯୁଗ୍ମ ଅଭିଯୋଗ ଶୁଣାଣି**

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ପଦ୍ମପୁର ବ୍ଲକ୍ ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହଠାରେ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ଏଡିଏମ୍) ନିହାର ରଞ୍ଜନ କହଁର ଶିବିରରେ ଅଧ୍ୟକ୍ଷତା କରିଥିଲେ। ମୋଟ ୩୩ଟି ଅଭିଯୋଗ ଏଡିଏମ୍ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଏବଂ ଗୋଟିଏ ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ୍ କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗର ତୁରନ୍ତ ଫଇସଲା ନିମନ୍ତେ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବିଶେଷକରି ଆବାସ ଯୋଜନା ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ, ଜଳସେଚନ, ଭତ୍ତା, ଧାନ ଉଠାଇବା, ଜମିଜମା ରେଜିଷ୍ଟ୍ରେଶନ, ଅଙ୍ଗନୱାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ନେଇ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ପଦ୍ମପୁର ତହସିଲଦାର ଶଙ୍କର ବାଗ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ସହକାରୀ ଜିଲାପାଳ ସସ୍ମିତା ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲା କୃଷି ଅଧିକାରୀ ବିଷ୍ଣୁପ୍ରସାଦ କର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲା ମତ୍ସ୍ୟ ଅଧିକାରୀ ଉପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସେଠୀ, ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ସୁନୀଲ ରାଉତ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଗୋପାଳ ନାୟକ, ଆର୍‌ଡି ଯନ୍ତ୍ରୀ ଶୈଳେନ୍ଦ୍ର ମହାପାତ୍ର, ସସ୍ମିତା ରଥ, ବ୍ଲକ୍ ଶିକ୍ଷା ଅଧିକାରୀ ହୃଷୀକେଶ ରଥ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ, ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ୍ୟ ଋତୁପୂର୍ଣ୍ଣ ପଟ୍ଟନାୟକ, ଆର୍‌ଡବ୍ଲ୍ୟୁ ଏସ୍‌ଡିଓ ଲୋକନାଥ ଯାଦବ, ଅଜୟ ମାଝୀ, ପଦ୍ମପୁର ବିଦ୍ୟୁତ୍ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ମିଶନ ଶକ୍ତି ବ୍ଲକ୍ କୋଅର୍ଡିନେଟର ଶ୍ରୀକାନ୍ତ ପାଢ଼ୀଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଶିବିରକୁ ପଦ୍ମପୁର ବ୍ଲକ୍‌ର କର୍ମଚାରୀ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ସେବାରୁ ବଞ୍ଚିତ ହାତୀଖାଲ ଗ୍ରାମବାସୀ

ଚନ୍ଦ୍ରପୁର, ୨୦।୧ (ବିଜୟ ପ୍ରସାଦ ଉଲାକା)

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ହାତୀଖାଲ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି। ଡାଙ୍ଗସୋରଡ଼ା ସଦର ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫କି.ମି. ଦୂରରେ ଥିବା ହାତୀଖାଲ ଗ୍ରାମରେ ମୋଟ ୧୬ ଅନୁସୂଚିତ ଜନଜାତି ପରିବାର ବାସ କରନ୍ତି। ତେବେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଗ୍ରାମବାସୀ ବହୁ ହଇରାଣ ହେଉଥିବା କହିଛନ୍ତି। ଏ ନେଇ ଗ୍ରାମବାସୀ ବହୁଥର ବ୍ଲକ୍ ପ୍ରଶାସନ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଗତ ୩ ମାସ ତଳେ ବିଦ୍ୟୁତ୍ ବିଭାଗ ଏକ ଟ୍ରାନ୍ସଫର୍ମର ଆଣି ଗ୍ରାମ ମୁଣ୍ଡରେ ଲଗାଇ ଦେଇଛି। ଏଥିସହ ମୁଖ୍ୟ ବିଦ୍ୟୁତ୍ ଖୁଣ୍ଟଠାରୁ ନାମକୁମାତ୍ର କେତୋଟି ବିଦ୍ୟୁତ୍ ଖୁଣ୍ଟ ଗ୍ରାମ ପର୍ଯ୍ୟନ୍ତ ପୋତି ବିଭାଗ ହାତବାନ୍ଧି ବସିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ବିଦ୍ୟୁତ୍ ସଂଯୋଗ ନ ଥିବାବେଳେ ରାତି ହେଲେ ଗ୍ରାମବାସୀ ଡିବି, ଲଣ୍ଠନକୁ ଭରସା କରୁଛନ୍ତି। ତେବେ ସରକାରଙ୍କ ପକ୍ଷରୁ କିରୋସିନ ମିଳୁ ନ ଥିବାବେଳେ ବହୁ ହଇରାଣ ହେଉଛୁ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଗାଁ ମୁଣ୍ଡରେ ସୋଲାରଚାଳିତ ୨ଟି ଲାଇଟ ଲାଗିଥିଲେ ମଧ୍ୟ ତାହା ଅଧିକାଂଶ ସମୟରେ ଜଳୁନାହିଁ। ସେହିପରି ଗାଁରେ ଗୋଟିଏ ନଳକୂପ ଥିଲେ ବି ଖରାଦିନ ଆସିଲେ ସେଥିରୁ ମଧ୍ୟ ପର୍ଯ୍ୟାପ୍ତ ପାଣି ଆସୁ ନ ଥିବାରୁ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ପାଇଁ ୨ କି.ମି. ଦୂର ଯାଇ ଏକ ନାଳରୁ ପାଣି ଆଣିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ଚଙ୍ଗିଡ଼ି ଦିବାକା, ମୂଳିଙ୍ଗା ବ୍ରେଡେକା, ମାଲଗୋ ଗେରେଙ୍ଗା ପ୍ରମୁଖ କହିଛନ୍ତି। ଗାଧୋଇବା ପାଇଁ ଗ୍ରାମରେ ଏକ ଜଳାଶୟ ଖନନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ସମ୍ପର୍କରେ ମୁନିଗୁଡ଼ା ଏସ୍‌ଡିଓ ଦେବଦତ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ଏବେ ମୁଁ ନୂଆକରି କାର୍ଯ୍ୟରେ ଯୋଗଦେଇଛି, ତେବେ ଘଟଣା ସମ୍ପର୍କରେ ବୁଝି ପଦକ୍ଷେପ ନେବି ବୋଲି କହିଛନ୍ତି।


ହାତୀଖାଲ ଗାଁ ମୁଣ୍ଡରେ ଲାଗିଥିବା ଟ୍ରାନ୍ସଫର୍ମର।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ
## ପୀଡ଼ିତାଙ୍କୁ ସାଢ଼େ ୧୦ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତୀ ପଟ୍ଟନାୟକ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ସେ ବଡଗଡ ଥାନା ଅଞ୍ଚଳର ଅଭିଯୁକ୍ତ ତ୍ରିନାଥ ସ୍ୱାଇଁ ଓରଫ ଜଡ଼ା (୬୦)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ପିଡ଼ିତାଙ୍କୁ ସାଢ଼େ ୧୦ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ସେପ୍ଟେମ୍ବର ୮ତାରିଖରେ ବଡଗଡ ଥାନା ଅଞ୍ଚଳର ଜଣେିକା ୬ ବର୍ଷର ନାବାଳିକାଙ୍କୁ ଘରକୁ ଡାକି ତାଙ୍କ ଡ୍ରେସ ବାହାର କରି ବଳାତ୍କାର ହୋଇଥିଲା। ପିଡ଼ିତା ଜଣଙ୍କ କାନ୍ଦି କାନ୍ଦି ଘରକୁ ଯାଇ ତାଙ୍କ ମା'ଙ୍କୁ ଏହା କହିଥିଲେ। ଏନେଇ ପିଡ଼ିତାଙ୍କ ପରିବାର ଲୋକ ବଡଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ନଂ.୪୨୨/୨୩ରେ ଏକ ମାମଲା ରୁଜୁ କରି ତ୍ରିନାଥ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ଅମରକାନ୍ତ ଷଡଙ୍ଗୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଏହି ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଅଟର ( ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

# ଅଟୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଆର.ଉଦୟଗିରି,୨୦।୧ (ମନୋଜ କୁମାର ପାଢୀ)

ସଉଦା କିଣିବାକୁ ଯାଉଥିବାବେଳେ ମା ଓ ଶିଶୁଙ୍କୁ ଏକ ଅଟୋ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ମା'ଙ୍କ ମୃତ୍ୟୁ ହୋଇଛି। ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ତରାବଙ୍ଗ ଗ୍ରାମରେ ଏପରି ଘଟଣା ଘଟିଛି। ଗ୍ରାମର ପାର୍ବତୀ ନାୟକ (୩୫) ନିଜର ଏକ ବର୍ଷର ଝିଅକୁ ଧରି ସଉଦା କିଣିବା ପାଇଁ ଗାଁରେ ଥିବା ଏକ ଦୋକାନକୁ ଯାଉଥିଲେ। ଏହି ସମୟରେ ଏକ ଡାଲା ଅଟୋ (ଓଡି ୨୯କେ-୨୨୮୩) ବିପରୀତ ଦିଗରୁ ଆସି ପାର୍ବତୀଙ୍କୁ ଧକ୍କା ଦେଇଥିଲା, ଯାହାଫଳରେ ପାର୍ବତୀ ଗୁରୁତର ଆହତ ହୋଇ ତଳେ ପଡ଼ି ଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଆର. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ପାର୍ବତୀଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି । ଘଟଣା ପରେ ଗାଡି ଡ୍ରାଇଭର ଗଞ୍ଜାମ ଜିଲା ପେଣ୍ଡା ଗ୍ରାମର ଅରୁଣ ଗୌଡ଼ ଫେରାର ହୋଇଯାଇଛନ୍ତି। ଆର. ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଟ୍ରାକ୍ଟର ଡାଲାରେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର,୨୦।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ଛେଦାଭୂମିର ଭୂଷଣ ଦଳବେହେରା(୪୫) ରବିବାର ଅପରାହ୍ନରେ ଟ୍ରାକ୍ଟର ଡାଲାରେ ଚାପି ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ସୋମବାର ଭୂଷଣଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଭୂଷଣ ଜଣେ ଗରିବ ପରିବାରର ସଦସ୍ୟ। ତାଙ୍କର ରୋଜଗାର ଉପରେ ତାଙ୍କ ପରିବାର ଚଳୁଥିଲା। ତାଙ୍କର ଅକାଳ ବିୟୋଗ ଯୋଗୁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ଭୂଷଣ ଲଣ୍ଡେଇସାହି ୟୁନିଟ ୩ ଛକରେ ଟ୍ରାକ୍ଟରରୁ ବାଲି ବାହାର କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ତେଣୁ ଟ୍ରାକ୍ଟରଟି ପଛକୁ ପଛକୁ ଆଣୁଥିଲା। ଏହି ସମୟରେ ପଛରେ ଠିଆ ହୋଇଥିବା ଭୂଷଣ ଟ୍ରାକ୍ଟର ଡାଲାରେ ଚାପି ହୋଇ ଯାଇଥିଲା। ଏହାପରେ ସେଠାରେ ଉପସ୍ଥିତ ଥିବା ଲୋକେ ଭୂଷଣଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନେଇଥିଲେ।

# ଡାକ୍ତର, ଫାର୍ମାସିଷ୍ଟ ନାହାନ୍ତି: ରୋଗୀସେବା ବାଧାପ୍ରାପ୍ତ

- କଲ୍ୟାଣସିଂପୁର ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ଅଧିକାରୀ ବଦଳୁଛନ୍ତି, ବଦଳୁନି ଦୁରବସ୍ଥା

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)


ବିପଦସଙ୍କୁଳ ଅବସ୍ଥାରେ ଥିବା କଲ୍ୟାଣସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।


ରୋଗୀ ଚିକିତ୍ସିତ ହେଉଛନ୍ତି।

ରାୟଗଡ଼ା ଜିଲା ଗଠନ ହେବାର ୩୨ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସେବା କ୍ଷେତ୍ରରେ ଆଜି ବି ପଛୁଆ ରହିଛି। ଜିଲାର କଲ୍ୟାଣସିଂପୁର ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। କଲ୍ୟାଣସିଂପୁର ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ସମେତ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ କେଉଁଠି ଡାକ୍ତର ପଦବୀ ଖାଲି ପଡ଼ିଛି ତ ଅନ୍ୟ କେଉଁଠି ଫାର୍ମାସିଷ୍ଟ ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଲ୍ୟାଣସିଂହପୁର ବ୍ଲକର ୧୪ ପଞ୍ଚାୟତ ସମେତ ପଡ଼ୋଶୀ କଳାହାଣ୍ଡି ଜିଲାର ଗ୍ରାମବାସୀ ନିର୍ଭର କରୁଛନ୍ତି। ମୁଖ୍ୟତଃ ନିୟମଗିରି ପାହାଡରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଓ ଝରଣିଆ କନ୍ଧ ସମ୍ପ୍ରଦାୟର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ପାହାଡ ଉପରୁ କଷ୍ଟରେ ସ୍ୱାସ୍ଥ୍ୟକେନ୍ଦ୍ର ଆସୁଥିବାବେଳେ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁ ନ ଥିବାରୁ ବାଧ୍ୟ ହୋଇ ଅନ୍ୟ ମେଡିକାଲକୁ ଯାଉଥିବା କହିଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଜଣ ଡାକ୍ତର ଅନୁମୋଦିତ ଥିଲେ ମଧ୍ୟ ମାତ୍ର ୪ ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କ ସମେତ ଜଣେ ଦନ୍ତ ଚିକିତ୍ସକ ରହିଛନ୍ତି। ସିଏଚ୍‌ସିରେ ଫାର୍ମାସିଷ୍ଟ ନ ଥିବାରୁ ସିକରପାଇ ଫାର୍ମାସିଷ୍ଟ ଆସି ଦାୟିତ୍ୱ ସମ୍ଭାଳୁଛନ୍ତି । ସେହିଭଳି ୨ଜଣ ଷ୍ଟାଫ ନର୍ସ ଓ ୬ଜଣ ଏଏନ୍‌ଏମ୍ ରହିଛନ୍ତି । ଏଠାରେ ଏକ୍ସରେ ମେସିନ ନ ଥିବାରୁ ଲୋକେ ବହୁତ ହଇରାଣ ହେଉଥିବା କହିଛନ୍ତି। ସେହିଭଳି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମସ୍ତ ବ୍ଲକର ଲୋକେ ଭରସା କରୁଥିବାବେଳେ ମାତ୍ର ୧୮ଟି ଶଯ୍ୟା ଥିବାରୁ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସ୍ଥାନୀୟ ସିଏଚ୍‌ସି ପ୍ରଥମେ କଲ୍ୟାଣସିଂପୁର ଗ୍ରାମର ମୁଖ୍ୟ ରାସ୍ତା ଉପରେ ରହିଥିଲା । ହେଲେ ଉକ୍ତ କୋଠାଗୁଡ଼ିକ ପୁରୁଣା ହୋଇ ବିପଦପୂର୍ଣ୍ଣ ହେବାରୁ ଏହାର ପାର୍ଶ୍ୱରେ ରହିଥିବା ରାସ୍ତାର ପ୍ରାୟ ୩୦୦ ମିଟର ଭିତର ନଦୀ କଡ଼ରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଥିବାରୁ ଗୁରୁତର ରୋଗୀଙ୍କୁ ଭିତରକୁ ଆସିବାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତାରେ ମଧ୍ୟ କଂକ୍ରିଟ ଛାଡ଼ି ଲୁହା ଛଡ଼ଗୁଡ଼ିକ ବାହାରି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଦେଖାଦେଇଛି।

ସେହିଭଳି ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ମାଝିଗୁଡ଼ାରେ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି କେନ୍ଦ୍ର । ଅନୁରୂପ ଶିକରପାଇ ଓ ବଡତୋଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଛନ୍ତି ହେଲେ ଫାର୍ମାସିଷ୍ଟ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୦ କୋଟି ଟଙ୍କା ଅନୁଦାନ ଆସି ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ପଡିଥିଲେ ମଧ୍ୟ ରାଜସ୍ୱ ବିଭାଗ ଜମି ଚିହ୍ନଟ କରୁ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନୂତନ କୋଠା ନିର୍ମାଣ ହେଉ ନ ଥିବା ଜଣାପଡିଛି। ନୂତନ କୋଠା ନିର୍ମାଣ ହେଲେ ତାହା ୩୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ମଧ୍ୟ ବିଚାର ଚାଲିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ସିଗିପୁର ନିକଟରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ ସରି ଟେଣ୍ଡର ହୋଇଛି । ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି । ତେବେ ଯଦି କଲ୍ୟାଣସିଂହପୁର ଗ୍ରାମରୁ ସିଏଚ୍‌ସି ସିଗିପୁର ଗ୍ରାମକୁ ସ୍ଥାନାନ୍ତରିତ ହୁଏ ତେବେ କଲ୍ୟାଣସିଂହପୁର, ସିଙ୍ଗାରି ଆଦି ଗ୍ରାମର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା କିଭଳି ମିଳିବ ସେ ନେଇ ପ୍ରଶ୍ନ ଉଠିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଲକାନଗିରି, ୨୦।୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ପୌର ପରିଷଦ ଦ୍ୱାରା ସ୍ଥାନୀୟ ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଭାଗ ଡାକ୍ତର ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ୩୪୨ ଜଣ ଦିବ୍ୟାଙ୍ଗ ଯୋଗଦେଇଥିବା ବେଳେ ୨୬୭ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ସହ ୧୦ଟି ବସ୍ ପାସ୍, ଗୋଟିଏ ୩ ଚକିଆ ସାଇକେଲ ଓ ଗୋଟିଏ ହୁଇଲ ଚେୟାର ପାଇଁ ଆବେଦନ କରିଥିଲେ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ଶିବର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ କେ. ଅଶୋକ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଓ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ କବିତା ମହନ୍ତ, ଶିଶୁରୋଗ ବିଶେଷଜ୍ଞ ଡା. ଏସ୍.କେ. ମିଶ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସପନ କୁମାର ଡିଣ୍ଡା, ଚକ୍ଷୁ ବିଶେଷଜ୍ଞ ଡା. ସଞ୍ଜୀବ କର, ଡା . ଏମ୍.ଏମ୍. ହୁସେନ, ଡା. ବାସନ୍ତୀ ହାଁସଦା, ରାଜୀବ ଲୋଚନ ପାଢ଼ୀ, ଡା. ସମୀର ଗୋଲଦାର, ଆର୍.ବି. ଏସ୍.କେ.ମ୍ୟାନେଜର ହରିବନ୍ଧୁ ଦେଶିଆ ନାୟକ, ଏସ୍‌ବିଆଇ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ, ପୌର ପରିଷଦ ଏମ୍‌ପି ପ୍ରତିନିଧି ବିଜୟ ମହାରଣା ଓ ବିଧାୟକ ପ୍ରତିନିଧି ରାହୁଲ ଟାବାରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାନିଟେଶନ ଏକ୍ସପର୍ଟ ଲିଙ୍ଗରାଜ ପାଳ ମଞ୍ଚ ପରିଚାଳନା କରିଥିଲେ। ଶିବିର ଆୟୋଜନ କରିବାରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅରବିନ୍ଦ ବିଶ୍ୱାସ, କମ୍ୟୁନିଟି ଅର୍ଗାନାଇଜର ସୁନିତା କୁମାରୀଙ୍କ ସମେତ ପୌର ପରିଷଦ ଓ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କର୍ମଚାରୀ ସହାୟତା କରଥିଲେ।

## ଗୋଚାଲାଣ ଟ୍ରକ୍ ଜବତ, ଚାଳକଙ୍କ ସମେତ ୨ ଅଟକ



ଅଟକ ରଖାଯାଇଥିବା ଗୋରୁ ବୋଝେଇ ଟ୍ରକ୍।

ଗୋବିନ୍ଦପାଲି, ୨୦।୧ (କାର୍ତ୍ତିକ ରଥ)

ଗୋଚାଲାଣ ଟ୍ରକ୍‌କୁ ଜବତକରିବା ସହ ଚାଳକଙ୍କ ସମେତ ୨ ଜଣଙ୍କୁ ମାଥିଲି ପୋଲିସ ଅଟକ ରଖିଛି। ସୋମବାର ସକାଳୁ ନବରଙ୍ଗପୁର ଜିଲାରୁ ମାଲକାନଗିରି ଦେଇ ତେଲଙ୍ଗାନାର ହାଇଦ୍ରାବାଦକୁ ଗୋଚାଲାଣ ହେଉଥିବା ଏକ ଟ୍ରକ୍ ସହ ଡ୍ରାଇଭର ସହ ହେଲ୍‌ଫରକୁ ଅଟକ କରି ଥାନାକୁ ଆଣି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ମାଥିଲି ପୋଲିସ ସୋମବାର ସକାଳୁ ବିଶେଷ ସୂତ୍ରରୁ ଖବର ପାଇ ଗୋବିନ୍ଦପାଲ୍ଲୀ ଜୟପୁର ଘାଟିରେ ଜଗି ଗୋରୁ ବୋଝେଇ ଟ୍ରକ୍‌କୁ ଅଟକାଇଥିଲେ। ଏଥିରେ ୩୧ଗୋରୁ ହାଇଦ୍ରାବାଦକୁ ଚାଲାଣ କରାଯାଉଥିଲା। ପୋଲିସ ଅଧିକାରୀଙ୍କୁ ପଚାରିବାରୁ ଆମେ ୩୧ଗୋରୁ ୧୪ ଚକ ବିଶିଷ୍ଟ ଟ୍ରକ୍ ନଂ.ଟିଏସ୍ ୦୫ ୟୁସି ୬୯୮୪ ସହ ଜବତ କରିଛୁ। ଏହାର ତଦନ୍ତ ଚାଲିଛି, ପରେ ଆବଶ୍ୟକ ପଦକ୍ଷେପ ନିଆଯିବା ସହିତ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ସବିଶେଷ ତଥ୍ୟ ଦିଆଯିବ। ଥାନା ତରଫରୁ ଗୋରୁଙ୍କୁ ଖାଇବା, ପିଇବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିଛି। ଅଟକ ଡ୍ରାଇଭର ଓ ହେଲ୍‌ପରଙ୍କୁ ଥାନାକୁ ନେଇ ପଚରା ଉଚରା ପରେ ଏହା ପଛରେ କିଏ ମାଷ୍ଟରମାଇଣ୍ଡ ଓ କେବେଠାରୁ ଏହି ବେଆଇନ ଗୋଚାଲାଣ ମାଲକାନଗିରି ଦେଇ ଚାଲିଛି ସେ ବିଷୟରେ ଜଣାପଡିବ ବୋଲି କହିଛନ୍ତି। ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ପଦ୍ମନାଭ ପୂଜାରୀ ଓ ତାଙ୍କ ଟିମ୍ ଚଢ଼ାଉରେ ସାମିଲ ଥିଲେ।

## ସିଆରପିଏଫ୍‌ର କ୍ରିକେଟ, ଭଲିବଲ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ।

ମାଲକାନଗିରି, ୨୦।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ଦ୍ୱିତୀୟ ବାହିନୀ ସିଆରପିଏଫ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ମାଓବାଦୀ ପ୍ରଭାବିତ ଦୁଲେଡ ଓ ଆଖପାଖ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ଭଲିବଲ ଓ କ୍ରିକେଟ ମାଚ୍ ଆୟୋଜନ କରାଯାଇଥିଲା। ଏହି ଅବସରରେ ବେହେରା କହିଥିଲେ, ଖେଳ ହେଉଛି ଆମ ଜୀବନର ଗୋଟିଏ ଅଙ୍ଗ । ଆମ ସମସ୍ତଙ୍କୁ ଶିକ୍ଷା ସହ କ୍ରୀଡା ଉପରେ ରୁଚି ରଖିବା ଦରକାର। ଫଳରେ ଆମେ ଆମର ଜଲା ନାମକୁ ଉଚ୍ଚରେ ରଖି ପାରିବା ବୋଲି ପ୍ରକାଶ କରିଥିଲେ। ଏଥିସହ ଖେଳାଳୀମାନଙ୍କୁ ଏହି ଦ୍ୱିତୀୟ ବାହିନୀ ସିଆରପିଏଫ ତରଫରୁ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗ ମିଳିବ । ଆଗାମୀ ଦିନରେ ସମସ୍ତ ଖେଳାଳୀଙ୍କୁ କ୍ରୀଡା ସମ୍ବନ୍ଧୀୟ ସମସ୍ତ ଉପକରଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଯୁବକ ଓ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏଭଳି ଉଦ୍ୟମ କରାଯାଉଛି। ଫଳରେ ଉନ୍ନତ ଓ ପ୍ରତିଭାବାନ ଖେଳାଳୀ ହୋଇ କେବଳ ଜିଲା ନୁହେଁ ରାଜ୍ୟ ଓ ଦେଶର ନାମକୁ ଉଚ୍ଚ କରିପାରିବେ ।

## ବିଏସ୍‌ଏଫ୍ ଦ୍ୱାରା ବ୍ଲକ୍‌ସ୍ତରୀୟ ନିଯୁକ୍ତି ଶିବିର

**୧୭୧ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକୃତ**

କୋରୁକୋଣ୍ଡା, ୨୦।୧ (ଶିବଦତ୍ତ ସାହୁ)



ନିଯୁକ୍ତି ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି ମିନି ଷ୍ଟାଡିୟମରେ ବାଲିମେଳା ସହରରେ ମୁତୟନ ଥିବା ୧୪୨- ବାଟାଲିୟନ ସୀମା ସୁରକ୍ଷା ବଳ ପକ୍ଷରୁ ଜିଲା ପ୍ରଶାସନର ମିଳିତ ସହଯୋଗରେ ସୋମବାର କୋରୁକୋଣ୍ଡା ବ୍ଲକ୍‌ସ୍ତରୀୟ ନିଯୁକ୍ତି ଓ ଦକ୍ଷତା ବିକାଶ ପରାମର୍ଶ ଶିବିର ଜିଲା ଦକ୍ଷତା ବିକାଶ ତଥା ନିଯୋଜକ ଅଧିକାରୀ ମନସ୍ୱୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ୧୪୨- ବାଟାଲିୟନ ସୀମା ସୁରକ୍ଷା ବଳ ସେକେଣ୍ଡ କମାଣ୍ଡାଣ୍ଟ ଅଭୟ ସିଂ, ବାଲିମେଳା ଏନ୍‌ଏସି ନଗରପାଳ ପ୍ରଦୀପ କୁମାର ନାୟକ,ସମ୍ମାନିତ ଅତିଥି ଭାବେ ଜିଲା ବିଏସ୍‌ଏଫ୍ ବାଟାଲିୟନ ଉପ କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ମାଲକାନଗିରି ସହାୟକ କମାଣ୍ଡାଣ୍ଟ ପ୍ରଶାନ୍ତ ଚତୁର୍ବେଦୀ, ଜିଲା ଯୁବ ଅଧିକାରୀ ମାଲକାନଗିରି ନେହେରୁ ଯୁବକେନ୍ଦ୍ର ଅଧିକାରୀ ହରିଶ ରୂପାଲ, ବାଲିମେଳା ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ବ୍ରହ୍ମଦେବ ପ୍ରସାଦ, ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ତ୍ରିପାଠୀ ପ୍ରମୁଖ ଦକ୍ଷତା ଓ ନିଯୁକ୍ତି ସୁଯୋଗ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଦେଇଥିଲେ।

ଶିବିରରେ ମାଲକାନଗିରି ଜିଲାର ଗ୍ରାମ ତରଙ୍ଗ, ଶିବାନୀ ଫାଉଣ୍ଡେଶନ, ପ୍ରମୋଦିନୀ ଫାଉଣ୍ଡେଶନ, ଓକେଇଏଲ୍, ନେହେରୁ ଯୁବକେନ୍ଦ୍ର ଓ ଭ୍ରୋନିକ୍ସ ସଂସ୍ଥା ପ୍ରତିନିଧିମାନେ ସେମାନଙ୍କର ସଂସ୍ଥା ପକ୍ଷରୁ ପିଲାମାନଙ୍କୁ ଦିଆଯାଉଥିବା ମାଗଣା ତାଲିମ ଓ ଦକ୍ଷତା ହାସଲ କରିଥିବା ପିଲାଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କମ୍ପାନୀରେ ନିଯୁକ୍ତି ସମ୍ପର୍କରେ ବୁଝାଇଥିଲେ। ଏହି ସଂସ୍ଥାଗୁଡିକ ଜରିଆରେ ତାଲିମ ନେବା ପରେ ଉପରୋକ୍ତ ସଂସ୍ଥା ମାଧ୍ୟମରେ ଦକ୍ଷତା ହାସଲ କରିଥିବା ବେକାର ଯୁବତୀ ଯୁବକମାନଙ୍କୁ ଭାରତ ଏବଂ ଓଡ଼ିଶା ଭିତରେ ଥିବା ବିଭିନ୍ନ ଶିଳ୍ପ କମ୍ପାନୀରେ ନିଯୁକ୍ତି ଦେବା ସମ୍ପର୍କରେ ବୁଝାଇଥିଲେ। ଶିବିରକୁ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପିଲା ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୭୧ ଛାତ୍ରୀଛାତ୍ର ଉପରୋକ୍ତ ସଂସ୍ଥାଗୁଡିକରେ ବିଭିନ୍ନ ବିଭାଗରେ ତାଲିମ ନେବା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଥିବା ଜଣାପଡିଛି।

## ଓଡ଼ିଶା ପାଇଁ ଖେଳିଲେ ମହେଶ

**ଜାତୀୟ ସବ୍ ଜୁନିୟର ଜୁଡୋ ଚାମ୍ପିୟନଶିପ୍**

ମାଲକାନଗିରି, ୨୦।୧ (ଗୌରୀଶଙ୍କର ପଣ୍ଡା)



ମାଲକାନଗିରି ଜିଲାର ଆଦିବାସୀ ଛାତ୍ର ଜାତୀୟ ସବ୍ ଜୁନିୟର ଜୁଡୋ ଚାମ୍ପିୟନସିପ୍‌ରେ ଓଡିଶା ଦଳ ପାଇଁ ଖେଳିଛନ୍ତି। ପୁଣେରେ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସବ୍ ଜୁନିୟର ଜୁଡୋ ଜାତୀୟ ଚାମ୍ପିୟନସିପ୍‌ରେ ମାଲକାନଗିରି ଆଓମା ଗୁରୁକୂଳର ଛାତ୍ର ମହେଶ ହନ୍ତାଳଙ୍କୁ ଚୟନ କରାଯାଇ ଓଡିଶା ଦଳ ପାଇଁ ସେ ଖେଳିଛନ୍ତି। ଏହି ସବ୍ ଜୁନିୟର ଜୁଡୋ ଚାମ୍ପିୟନସିପ୍‌ରେ ଉଭୟ ବାଳିକା ଓ ବାଳିକମାନେ ଭାଗ ନେଇଥିଲେ। ମହେଶ ଜାତୀୟ ପ୍ରତିଯୋଗିତାରେ ଭାଗନେଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଓଡିଶା ଟିମ୍‌ର ବାଳକ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ମୁଣ୍ଡା, ରତ୍ନାକର ହେମ୍ବ୍ରମ୍, ପ୍ରୀତମ ମିତ୍ର, ମୋସେସ ପ୍ରଧାନ ଭାଗ ନେଇଛନ୍ତି। ଓଡିଶା ଟିମ୍ ପାଇଁ ଲୋପାମୁଦ୍ରା ପତି ଓ ବାପୁନ ସେଠୀ କୋଚ ରହିଛନ୍ତି ।

## ଟଙ୍କା ପାଇଁ ଯୁବକଙ୍କୁ ଅପହରଣ, ୪୮ ଘଣ୍ଟାରେ ଉଦ୍ଧାର

ବୋରିଗୁମ୍ମା, ୨୦।୧ (ବିଜୟ ସାହୁ)



ବୋରିଗୁମ୍ମା ସହରରେ ଟଙ୍କା ପାଇଁ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଶୁକ୍ରବାର ଅପହରଣ କରିବା ନେଇଥିବା ବେଳେ ୪୮ ଘଣ୍ଟା ମଧ୍ୟରେ ପୋଲିସ ତାଙ୍କୁ ଉଦ୍ଧାର କରିଛି। ବୋରିଗୁମ୍ମା ସହର ଉପକଣ୍ଠ କେନ୍ଦୁଗୁଡା ଗ୍ରାମର ଡମ୍ବୁ ଭୂମିଆଙ୍କୁ ଟଙ୍କା ପାଇଁ ଦୁର୍ବୃତ୍ତମାନେ ଏକ କାରରେ ଅପହରଣ କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। କେସ ନଂ୧୨/୨୫ରେ ଅପହରଣ ମାମଲା ରୁଜୁ କରାଯାଇଛି। ଏସ୍‌ଡିପିଓ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ଅପହୃତ ଡମ୍ବୁଙ୍କୁ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ରାମଗିରିରୁ ଡମ୍ବୁ ଉଦ୍ଧାର କରାଯାଇଛି। ଅପହରଣକାରୀମାନେ ବ୍ୟବହାର କରୁଥିବା କାରକୁ ପୋଲିସ ଜବତ କରିଛି। ଅପହରଣରେ ୬ଜଣ ସମ୍ପୃକ୍ତ ଥିବା ବେଳେ ସେମାନେ ଫେରାର ରହିଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ଯୁଗଳ କିଶୋର ସା ସୂଚନା ଦେଇଛନ୍ତି।

## ରାଷ୍ଟ୍ରପତିଙ୍କ ସହ ରାତ୍ରିଭୋଜନ ନେଇ ବିଜୟାନନ୍ଦଙ୍କୁ ନିମନ୍ତ୍ରଣ



ବିଜୟାନନ୍ଦ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

କୋରାପୁଟ, ୨୦।୧ (ଅମିତାଭ ବେହେରା)

ଭୁବନେଶ୍ୱରସ୍ଥିତ ଷ୍ଟାର୍ଟଅପ୍ ବାୟୋ-ପାୟୋନିଅର ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଡ. ବିଜୟାନନ୍ଦ ପାଣିଗ୍ରାହୀଙ୍କୁ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଗଣତନ୍ତ୍ର ଦିବସର ରାତ୍ରିଭୋଜନରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିମନ୍ତ୍ରଣ କରିଛନ୍ତି। ଭାରତର ଔଷଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ୨୦୨୦ରେ କୋଭିଡ୍-୧୯ ସମୟରେ ଡ. ପାଣିଗ୍ରାହୀ ଏବଂ ତାଙ୍କ ଟିମ୍ ପ୍ରୋଟେଜ୍ ଇନ୍‌ହିବିଟର ବିକଶିତ କରିଥିଲେ। ଏହା ଔଷଧ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଥିଲା। ତାଙ୍କର ଏହି ସଫଳତାକୁ କେନ୍ଦ୍ର ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଦ୍ୱାରା ସମର୍ଥନ କରାଯାଇଥିଲା। ୨୦୧୬ରେ ଯାତ୍ରା ଆରମ୍ଭ କରିଥିବା ଏହି ରାସାୟନିକ ପଦାର୍ଥର ବୃହତ୍ ପରିମାଣର ଉତ୍ପାଦନକୁ ସକ୍ଷମ କରିଥିଲା। ତାଙ୍କ ଅବଦାନକୁ ସ୍ୱୀକୃତି ଦେଇ ରାଷ୍ଟ୍ରପତି ତାଙ୍କୁ ଗଣତନ୍ତ୍ର ଦିବସରେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଛନ୍ତି। ଦିଲ୍ଲୀ ଯିବା ପୂର୍ବରୁ ଡ. ପାଣିଗ୍ରାହୀ ସେ ପଢ଼ିଥିବା ସମସ୍ତ ୩ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବାକୁ କୋରାପୁଟ ଗସ୍ତ କରିଥିଲେ। ସେ ସ୍ଥିରତା, କୃତଜ୍ଞତା ଏବଂ ନବସୃଜନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

## ରାଜ୍ୟସ୍ତରୀୟ ମାଷ୍ଟର୍ସ ଚାମ୍ପିୟନ ହେଲେ କଳାକର

ସୁନାବେଡା, ୨୦।୧ (କୃତ୍ତିବାସ ପ୍ରଧାନ)

ବାଲେଶ୍ୱର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍-୨୦୨୫ରେ କୋରାପୁଟ ଜିଲାର କଳାକର ପ୍ରଧାନ ଟାଇଟଲ ହାସଲ କରିଛନ୍ତି। କଳାକର ୫୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗ ଟୁର୍ନାମେଣ୍ଟର ସେମିଫାଇନାଲରେ ଖୋର୍ଦ୍ଧା ଜିଲାର ପ୍ରଣୟ ପଟ୍ଟନାୟକଙ୍କୁ ସିଧାସଳଖ ୨୧-୯ ଓ ୨୧-୧୧ ସେଟ୍‌ରେ ହରାଇ ମାଷ୍ଟରର୍ସ ସିଙ୍ଗଲସ ଫାଇନାଲକୁ ପ୍ରବେଶ କରିଥିଲେ। ପରେ ଫାଇନାଲରେ ଢେଙ୍କାନାଳ ଜିଲାର ଧର୍ମେନ୍ଦ୍ର ମହାପାତ୍ରଙ୍କୁ ୨୧-୧୧ ଓ ୨୧-୧୨ ସେଟ୍‌ରେ ପରାସ୍ତକରି ସିଙ୍ଗଲସ୍ ଟାଇଟଲ ହାସଲ କରିଥିଲେ। ୟୁନେକ୍ସ ସନ୍‌ରାଇଜ୍ ଓ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ(ଓଏସ୍‌ବିଏ)ର ମିଳିତ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ଜାନୁଆରୀ ୧୭ରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଥିଲା। ପ୍ରତିଯୋଗିତା କେବଳ ବ୍ୟାଡ୍‌ମିଣ୍ଟନ ମାଷ୍ଟର୍ସ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟର ୨୦ ଜିଲାରୁ ୩୫-୭୦ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରାୟ ୧୧୦ ମାଷ୍ଟର୍ସ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୯ ଜଣ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର କଳାକର ସେମିଫାଇନାଲରେ ବାଲେଶ୍ୱରର ରାମଚନ୍ଦ୍ର କ୍ଷେତ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିବା ସହ ଝାରସୁଗୁଡ଼ା ଜିଲାର ପ୍ରଶାନ୍ତ କୁମାର ବେହେରାଙ୍କ ସହ ଫାଇନାଲ ଖେଳି ମ୍ୟାଚର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭୁବନେଶ୍ୱର ବିଏମ୍‌ସି ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ପ୍ରଫେସର ଭାସ୍କର ବେହେରା, ଭେଟେରାନ ଖେଳାଳି ବିଶ୍ୱଜିତ ଦାସ, ମୁଖ୍ୟ ରେଫରି ରୀତା ଦାସ ଓ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସମ୍ପାଦକ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। କଳାକର ରାଜ୍ୟ ତଥା ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଭାଗନେଇ ବହୁ କୃତିତ୍ୱ ଅର୍ଜନ କରିଛନ୍ତି।




କାର୍ଯ୍ୟକ୍ରମରେ ଅତିଥି କଳାକର ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ରାଜପଥ କଡ଼ ଉଠା ଦୋକାନୀଙ୍କୁ ପ୍ରଶାସନର ତାଗିଦା

ସୁନାବେଡା, ୨୦।୧ (କୃତ୍ତିବାସ ପ୍ରଧାନ)

ପୌର ପ୍ରଶାସନ ପକ୍ଷରୁ ସୁନାବେଡା ଓ ସେମିଳିଗୁଡା ଉଭୟ ସହରର ଯାଇଥିବା ଜାତୀୟ ରାଜପଥ କଡ଼ର ଉଠା ଦୋକାନୀଙ୍କୁ ସୋମବାର ସନ୍ଧ୍ୟାରେ ତାଗିଦ କରାଯାଇଛି। ସେମାନଙ୍କୁ ଜାନୁଆରୀ ୨୩ ସୁଦ୍ଧା ବ୍ୟବସାୟସ୍ଥଳ ଖାଲି କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ସେମିଳିଗୁଡା ଓ ସୁନାବେଡା ସହର ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଉଠା ଦୋକାନ ଥିବା ସହ ରାସ୍ତା କଡରେ ଯାନବାହାନ ଗୁଡିକର ଅବାଧ ପାର୍କିଂ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ଏଥିସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

## ଜାତୀୟ ହିନ୍ଦୀ ଗଳ୍ପ ଲିଖନ ପ୍ରତିଯୋଗିତାରେ ସରୋଜିନୀ

ସୁନାବେଡା, ୨୦।୧ (କୃତ୍ତିବାସ ପ୍ରଧାନ)

ଜାତୀୟସ୍ତରୀୟ ବିକଶିତ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ହିନ୍ଦୀ ଗଳ୍ପ ଲିଖନ ପ୍ରତିଯୋଗିତାରେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ସରୋଜିନୀ ଗୌଡ଼ ଅଂଶ ଗ୍ରହଣ କରିଛନ୍ତି। ଡିସେମ୍ବର ୨୦ରେ ଜିଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲାସ୍ତରୀୟ ହିନ୍ଦୀ ଗଳ୍ପ ଲିଖନ ପ୍ରତିଯୋଗିତା ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ସରୋଜିନୀ ଜିଲାରେ ପ୍ରଥମ ହୋଇଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ହିନ୍ଦୀ ଗଳ୍ପ ଲିଖନରେ ଦ୍ୱିତୀୟ ସ୍ଥାନ ହାସଲକରି ଜାତୀୟସ୍ତର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଜାନୁଆରୀ ୯ରୁ ୧୨ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି '୨୦୪୭ ବିକଶିତ ଭାରତ ସ୍ୱପ୍ନ' ବିଷୟବସ୍ତୁକୁ ନେଇ ଗଳ୍ପ ଲେଖିଥିଲେ। ପ୍ରତିଯୋଗିତାର ଫଳାଫଳ ପ୍ରକାଶିତ ହୋଇନାହିଁ। ଏଥିରେ ଓଡ଼ିଶାରୁ ୭୫ ଜଣ ଭାଗ ନେଇଥିବା ବେଳେ କୋରାପୁଟ ଜିଲାରୁ ଏକମାତ୍ର ପ୍ରତିଯୋଗୀ ଥିଲେ। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ମହିନ୍ଦ୍ରା ଗ୍ରୁପ୍‌ର ସିଇଓ ଆନନ୍ଦ ମହିନ୍ଦ୍ରା ଓ ମ୍ୟାନେଜର ପାଲକି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ସରୋଜିନୀଙ୍କୁ ମଧ୍ୟାହ୍ନ ଭୋଜନ ନିମନ୍ତେ ନିମନ୍ତ୍ରଣକରି ଏକ ଉପହାର ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କୁ ଶ୍ରେୟ ଦେଇ ଆଗକୁ କଠିନ ପରିଶ୍ରମ କରି ଜାତୀୟସ୍ତରରେ ବଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ଲକ୍ଷ୍ୟ ରଖିଥିବା ସରୋଜିନୀ କହିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟାହ୍ନଭୋଜନ ପାଇଁ ନିମନ୍ତ୍ରଣ କରୁଛନ୍ତି ।

## ଏମ୍‌ପି, ବିଧାୟକଙ୍କ କୁନ୍ଦୁରା ବ୍ଲକ୍ ପରିଦର୍ଶନ

- ଦଳୀୟକର୍ମୀଙ୍କ ସହ ଆଲୋଚନା
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ

କୁନ୍ଦୁରା, ୨୦।୧ (ସନ୍ତୋଷ ପ୍ରହରାଜ)



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରା କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ପରିଦର୍ଶନ କରିଛନ୍ତି। ପ୍ରଥମେ ଦଳୀୟ କର୍ମୀଙ୍କ ସହ କୁନ୍ଦୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉନ୍ନତିକରଣ ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ନେଇ ଆଲୋଚନା କରିଥିଲେ। କୁନ୍ଦୁରା ବ୍ଲକ୍ ଅଧୀନରେ ରହିଥିବା କୁନ୍ଦୁରା ଏବଂ ଦିଗାପୁର ମଣ୍ଡଳର ସଭାପତି ଧନପତି ପରଜା ଏବଂ ପଦ୍ମନାଭ ବିଷୋୟୀଙ୍କ ସହ ୨ ମଣ୍ଡଳ ପ୍ରତିନିଧି ଅମ୍ବୁ ପାତ୍ର ଏବଂ ଗୋପାଳ ସାବତଙ୍କ ସହ ଏନ୍‌ବିସିସି ଅଧୀନରେ ବିଭିନ୍ନ ନଦୀରେ ଦୀର୍ଘ ବର୍ଷ ଧରି ଚାଲିଥିବା ବ୍ରିଜଗୁଡିକ ସମ୍ପୂର୍ଣ୍ଣ କରିବା ପାଇଁ ଆଲୋଚନା କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ମନମୁଖୀ ଏବଂ ଏହା ନିମ୍ନମାନର ହେଉଥିବା ନେଇ ଦଳୀୟକର୍ମୀ ଅଭିଯୋଗ କରିବା ପରେ ଏମ୍‌ପି ମାଝି ପାନୀୟ ଜଳ ବିଭାଗ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କୁନ୍ଦୁରା ବ୍ଲକ ଉପକଣ୍ଠ ଝିଲିଗାଁରେ ବହୁ ପ୍ରତିକ୍ଷୀତ ଶ୍ରୀ ଅନ୍ନ ଯୋଜନାରେ ସ୍ୱାମୀନାଥନ ଏବଂ ବ୍ରାହ୍ମଣ ଦେଇ ପ୍ରତ୍ୟୁସର ସ୍ୱୟଂ ସହାୟକ ଦ୍ୱାରା ଆୟୋଜିତ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଏମ୍‌ପି ମାଝୀ, ବିଧାୟକ ଭତ୍ରା ଏବଂ ମାଣ୍ଡିଆ ରାଣୀ ଡ. ରାଇମତି ଘିଉରିଆ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୮ ଚାଷୀଙ୍କର ମାଣ୍ଡିଆ କ୍ରୟ କରାଯାଇଥିବା ବେଳେ ସମୁଦାୟ ୧୧୨ ଚାଷୀଙ୍କର ପଞ୍ଜୀକରଣ କରାଯାଇଛି। ମାଣ୍ଡିଆର ମୂଳ ମୂଲ୍ୟ କୁଇଣ୍ଟାଲ ପିଛା ୪୨୯୦ ମିଳୁଥିବା ବେଳେ ବୋନସ ବାବଦକୁ ୨୧୦ ଭାବେ ମୋଟ ୪୫୦୦ ମିଳିବ। ଏଥିରେ ବଦ୍ରି ନାରାୟଣ ଆଚାର୍ଯ୍ୟ, ଭଗବାନ ପଣ୍ଡା, ପ୍ରକାଶ ପଟ୍ଟନାୟକ,ମିଳନ ପ୍ରଧାନ, ଅଭିଳାଷ ବେହେରା, ନିରାକାର ମିଶ୍ର, ଶଙ୍କର ମହାନ୍ତି ଓ ସୁନ୍ଦର ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ତାଲିମ

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ନେଇ ଏକ ତାଲିମ କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ନିର୍ଭୁଲ ଭାବେ ତିଆରି, ପ୍ରତି ସୂଚକାଙ୍କକୁ ୨୦୩୦ ସୁଦ୍ଧା ଶତପ୍ରତିଶତ ହାସଲ କରିବା ଦିଗରେ ତାଲିମ ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ ଓ ପ୍ରବୀଣ କୁମାର ପଟ୍ଟନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ, ସମସ୍ତ ସରପଞ୍ଚ, ଅଙ୍ଗନୱାଡି କର୍ମୀ, ଏସିଡିଓ, ଏମ୍‌ବିକେ ଓ ସିଆରପି ମାନେ ତାଲିମ ନେଇଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।

### ଆୟୁଷ୍ମାନ ଆରୋଗ୍ୟ ଶିବିରରେ ୧୩୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜବାଗୁଡ଼ା ପଞ୍ଚାୟତ ଅଧୀନ ଫୁଲଭଟ୍ଟା ଗ୍ରାମରେ ସୋମବାର ପୂର୍ବାହ୍ନ ୧୦ଟାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଣୀଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା ଅସିତ କୁମାର କର ଓ ଫୁଲଭଟ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କମ୍ୟୁନିଟି ହେଲଥ୍ ଅଫିସର ମନୋଜ ପୁଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଚାପ, ସୁଗାର, ଗର୍ଭ ପରୀକ୍ଷା ଓ ବିଭିନ୍ନ ରୋଗର ନିରୂପଣ ସହ ଔଷଧ ବିତରଣ କରାଯାଇଥିଲା। ଡାବୁଗାଁ ମା ଗୃହର ମହିଳା ସ୍ୱାସ୍ଥ୍ୟକର୍ମୀ ବିମଳା ଟାକ୍ରୀ ଓ କାମକଳା ଭତ୍ରା, ଆୟୁଷ୍ମାନ ମନ୍ଦିର ଅଧୀନରେ ଥିବା ୮ ଜଣ ଆଶାକର୍ମୀ ଏଥିରେ ସହଯୋଗ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳରୁ ୧୩୪ ଜଣ ବିଭିନ୍ନ ପ୍ରକାର ରୋଗର ପରୀକ୍ଷା ମାଗଣାରେ କରାଇ ଥିଲେ।

### ରକ୍ତଦାନ ଶିବିର

ତେନ୍ତୁଳିଖୁଣ୍ଟି, ୨୦।୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବରାଳ ଭବନଠାରେ ଏଲ୍ ଆଣ୍ଡ ଟି ପକ୍ଷରୁ ସୋମବାର ଏକ ରକ୍ତଦାନ ଶିବିର କରାଯାଇଛି। କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ମ୍ୟାନେଜର ମଧୁସୂଦନ ସିଂ, ପ୍ରୋଜେକ୍ଟ ଇନ୍‌ଚାର୍ଜ ନାରାୟଣ ପାତ୍ର, ଇଣ୍ଡଷ୍ଟ୍ରିଆଲ ରିଲେଶନ ଅଫିସର ପ୍ରଭାକର ବାରାଳ, ପ୍ଲାନିଂ ମ୍ୟାନେଜର ଏସ୍. ରଘୁପତି, ଆକାଉଣ୍ଟ ମ୍ୟାନେଜର ପ୍ରଣୟ ରଞ୍ଜନ ଖଟୁଆଙ୍କ ସମେତ ସଂସ୍ଥାର ପ୍ରାୟ ଷାଠିଏରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମକର୍ତ୍ତା ରକ୍ତଦାନ କରିଥିଲେ। ରକ୍ତ ସଂଗ୍ରହ ବେଳେ ଡାକ୍ତର ସରୋଜ ସିଂ, ମାର୍ଟିନ ସଉର, ସମ୍ବିତ ମିଶ୍ର, ବୀରେନ୍ଦ୍ର ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ। କମ୍ପାନୀର ଇ. କେ.ଏସ୍ ଓ ପ୍ରଫୁଲ୍ଲ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଛି। ଏଥିରେ ସାଧୁସୁଦନ ବରାଳ ସହଯୋଗ କରିଥିଲେ।

### ମହିଳାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଅଭିଯୋଗ

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଜୟପୁର ପ୍ରସାଦ ରାଓ ପେଟାର ଟି.ମନିସା ନିଲମ ୨୦୧୮ ମାର୍ଚ୍ଚରେ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଅଞ୍ଚଳର ଏନ. ଶିବା ପ୍ରସାଦଙ୍କୁ ବିବାହ କରିଥିଲେ। ୧ ବର୍ଷ ସବୁ ଠିକ୍ ଥିବା ବେଳେ ୨୦୧୯ରୁ ସ୍ୱାମୀ ଓ ପରିବାର ଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ମନିସା ଅଭିଯୋଗ କରିଛନ୍ତି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଜୟପୁର ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ଗୋଡିଗାଁକୁ ଲକ୍ଷ୍ମୀ ବସ୍ ସେବା ଯୋଗାଇବା ଦାବି

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ତେନ୍ତୁଳିଖୁଣ୍ଟି, ୨୦।୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୪ (୨୯ ବ୍ୟକ୍ତିଗତ ଏବଂ ୧୫ ଗୋଷ୍ଠିଗତ) ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରୁ ୩ଟି ଅଭିଯୋଗର ତୁରନ୍ତ ସମାଧାନ ରାଯାଇଛି। ମଣ୍ଡି କାର୍ଡ ଅବଧି ବୃଦ୍ଧି, ଜମିଜମା ସଂକ୍ରାନ୍ତ, ପାହାଡିଆ ଗାଁ ଗୋଡିଗାଁକୁ ଲକ୍ଷ୍ମୀ ବସ୍ ସେବା, ପାନୀୟ ଜଳ, ବିଦ୍ୟାଳୟ ଶ୍ରେଣୀ ଗୃହ, ଉଚ୍ଚ ଶିକ୍ଷା ବିଭାଗ ସମ୍ବନ୍ଧୀୟ, ମେଗା ଉଠା ଜଳସେଚନ ଜମି ଖନନକୁ



ବୈଠକରେ ଅଧିକାରୀମାନେ।

ବିରୋଧ କରି ଗ୍ରାମବାସୀଙ୍କ ଅଭିଯୋଗ, ରାଜସ୍ୱ ମୌଜା ଚରାମୂଳା ଏହାର ପଡା ଗ୍ରାମ ଗଦବାଗୁଡାକୁ ସ୍ୱତନ୍ତ୍ର ଗ୍ରାମ ମାନ୍ୟତା ପାଇଁ ଦାବି କରଯାଇଛି। ପେନସନ, ନୂତନ ରାସନ କାର୍ଡ, ଆବାସ ଗୃହ ଭଳି ଅଭିଯୋଗ ହୋଇଥିଲା। ଝରିଗୁମ୍ମା ପ୍ରାଥମିକ ବିଦ୍ୟାଳୟରେ ନଳକୂପ ନ ଥିବାରୁ ପିଲାମାନେ ମଧ୍ୟାହ୍ନ ଭୋଜନ ପରେ ହାତ ଧୋଇବାକୁ ପ୍ରାୟ ୧ କିମି ଦୂର ଯାଉଛନ୍ତି। ପୂର୍ବ ଅଭିଯୋଗ ଶୁଣାଣିରେ ଏହି ସମସ୍ୟା ଜଣାଯାଇଥିଲା। ଏହାର ୧ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନି ବୋଲି ସରପଞ୍ଚ ସଂଘ ସଭାପତି ମନମୋହନ ଦଳପତି କହିଛନ୍ତି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ତହସିଲଦାର ରାଜକିଶୋର ପଟ୍ଟନାୟକ, ତେନ୍ତୁଳିଖୁଣ୍ଟି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ଯୋଗାଣ ଅଧିକାରୀଙ୍କ ସହ ସମସ୍ତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କାମରେ ଲାଗିପାରିଲାନି ଆବର୍ଜନା ପୃଥକୀକରଣ ଗୃହ

ନବରଙ୍ଗପୁର, ୨୦।୧ (ସଦାଶିବ ପ୍ରହରାଜ)

■ ଚୋରି ହୋଇଗଲା ଆଜବେଷ୍ଟସ, ଝରକା ଓ କବାଟ
■ ସ୍ୱଚ୍ଛ ଭାରତ ମିଶନର ଉଦ୍ଦେଶ୍ୟ ଫସର ଫାଟିଲା

ଆବର୍ଜନା ପୃଥକୀକରଣ ନାମରେ ବ୍ୟାପକ ଖର୍ଚ୍ଚ ହୋଇଛି। କିନ୍ତୁ ତାହା କାମରେ ଲାଗୁନାହିଁ। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ଯେଉଁ ମୂଳ ଉଦ୍ଦେଶ୍ୟ ଥିଲା ତାହା ମୌଳି ଯାଇଛି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟିର୍ମି ପଞ୍ଚାୟତ ସଦର ନଇକୁମାରେ ଏପରି ଦେଖିବାକୁ ମିଳିଛି।



ଟିର୍ମାରେ ଥିବା ଆବର୍ଜନା ପୃଥକୀକରଣ ଗୃହ।

ଟିର୍ମା ପଞ୍ଚାୟତ ସଦରରେ ୨ ଲକ୍ଷ ୭୦ ହଜାର ଓ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଗାଁ ବାହାରେ ଏକ ଖୋଲା ପଡ଼ିଆରେ ଆବର୍ଜନା ପୃଥକୀକରଣ ଗୃହ ନିର୍ମାଣ କରାଯାଇଥିଲା। ଘର ଭିତରେ ୫ଟି କୁଣ୍ଡ କରାଯାଇଛି। କାଚ, ଲୁହା, ଶୁଖିଲା ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ଓ ପଲିଥିନ ଆଦିକୁ ଅଲଗା ଅଲଗା କରି ଉକ୍ତ କୁଣ୍ଡରେ ପକାଯିବ। ଆବର୍ଜନାଗୁଡ଼ିକ ନଷ୍ଟ କରାଯାଇ ତାହାକୁ ଖତଭାବେ ବ୍ୟବହାର ହେବ। ଏପରି କଲେ ପରିବେଶର ସୁରକ୍ଷା ହୋଇପାରିବ। କିନ୍ତୁ ଏବେ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ଫସର ଫାଟିଯାଇଛି। ଉକ୍ତ କୁଣ୍ଡଗୁଡ଼ିକ କାମରେ ଲାଗିବା ପୂର୍ବରୁ ଝରକା, କବାଟ, ଇଟା, ଆଜବେଷ୍ଟସ୍ ଓ ଲୁହା ଗୁଡ଼ିକ ଚୋରି ହୋଇଗଲାଣି। ଫଳରେ ତାହା କାମରେ ଲାଗିପାରୁନାହିଁ। ଏନେଇ କୋଷାଗୁମୁଡ଼ା ବିଡିଓ ଅସିତ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସରପଞ୍ଚ ଆସି ଝରକା କବାଟ, ଆଜବେଷ୍ଟ ଆଦି ଚୋରି ହୋଇଥିବା ଜଣାଇଛନ୍ତି। ଏନେଇ ଥାନାରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି।

# ୨୨ରେ ପ୍ରତିଯୋଗିତା, ୨୪ରେ ଅଭ୍ୟାସ ପରେଡ୍

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଛି। ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ, ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ଜାନୁଆରୀ ୨୪ରେ ଅଭ୍ୟାସ ପରେଡ କରାଯିବା ନେଇ ଆଲୋଚନା ହୋଇଥିଲା। ଜାନୁଆରୀ ୨୨ରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ




ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ବୈଠକରେ ବିଡିଓ ଶରତ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଏବିଇଓ ସନ୍ତୋଷ କୁମାର ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍.ଆପ୍ପା ରାଓ, ଜୟନ୍ତ ପାତ୍ର, ଜି. ସତ୍ୟା ରାଓ, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ, ବିଶ୍ୱନାଥ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ବାବି ଜେନା, ଶିକ୍ଷୟିତ୍ରୀ ଗିରିଶବାଳା ଜେନା, ପୁଷ୍ପଲତା ପରିଡ଼ା, ଅନ୍ନପୂର୍ଣ୍ଣା ମାଝି, ଗୀତାଞ୍ଜଳି ନିହାଲ, ଶୈଳବାଳା ମୁଦୁଲି, କ୍ରିଡ଼ା ଶିକ୍ଷକ ହେମନ୍ତ ସାମଲ ଓ ଭାଗବତ ପ୍ରସାଦ ମୁର୍ମୁ, ଶିକ୍ଷକ ବିକାଶ ରଞ୍ଜନ ନିଶଙ୍କ, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱକ୍ଷେ କୁମାର ତ୍ରିପାଠୀ, ପ୍ରଦୀପ କୁମାର ସାହୁ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର, ୨୦।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ସୋମବାର ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୧୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ସେ ଏହି ରାୟ ଶୁଣାଇଛନ୍ତି। ସୂଚନାନୁଯାୟୀ ୨୦୨୦ରେ ତାରାଗାଁର ମୋହନ ହରିଜନଙ୍କ ସ୍ତ୍ରୀଙ୍କ ନବୀନାଙ୍କ ମୃତ୍ୟୁ ହୋଇଥିଲା। ମୋହନ ନିର୍ଯ୍ୟାତନା ଦେଉଥିବା ସହ ତାଙ୍କୁ ହତ୍ୟା କରିଥିବା ନେଇ ନବୀନାଙ୍କ ବାପଘର ଲୋକେ ୨୦୨୦ ଜାନୁୟାରୀ ୨୧ରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ନବରଙ୍ଗପୁର ପୋଲିସ କେସ୍ ନଂ.୧୯/୨୦୨୦ରେ ହତ୍ୟା ଓ ନାରୀ ନିର୍ଯ୍ୟାତନା ମାମଲା ରୁଜୁ କରି ମୋହନଙ୍କୁ ଗିରଫ କରିଥିଲା। ତେବେ ସୋମବାର ସାକ୍ଷୀଙ୍କ ବୟାନ ଆଧାରରେ ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରାଯାଇଛି। ଉକ୍ତ କେସ୍‌କୁ ନବରଙ୍ଗପୁର ବରିଷ୍ଠ ଆଇନଜିବୀ ତପନ ସିଂ ଓ ତାଙ୍କ ସହଯୋଗୀ ଅଶୋକ ନାୟକ, ଏମ୍.ଡି.ସିଜିଦ୍ ପରିଚାଳନା କରିଥିଲେ।

# ଭାଲୁ ଘଉଡ଼ାଇବାକୁ ବନ ବିଭାଗର ପ୍ରଚେଷ୍ଟା

ଉମରକୋଟ, ୨୦।୧ (ସନ୍ତୋଷ ଶତପଥୀ)

■ ସୀମାନ୍ତରେ ଭାଲୁ ଆକ୍ରମଣରେ ବାପପୁଅ ମୃତ ଘଟଣା
■ ବନ କର୍ମଚାରୀଙ୍କୁ ଭାଲୁ ଆକ୍ରମଣର ଭିଡିଓ ଭାଇରାଲ



ଭାଲୁ ବନ କର୍ମଚାରୀଙ୍କୁ ଆକ୍ରମଣ ବେଳର ଦୃଶ୍ୟ।

ନବରଙ୍ଗପୁର ଜିଲା ଓଡ଼ିଶା ଛତିଶଗଡ଼ ସୀମାନ୍ତ କାଙ୍କେର ଜିଲା ଡଙ୍ଗରକଟା ଗ୍ରାମ ନିକଟରେ ଥିବା ଜେଲାନକାସା ଜଙ୍ଗଲରେ ଭାଲୁ ଆକ୍ରମଣରେ ବାପପୁଅଙ୍କର ମୃତ୍ୟୁ ହୋଇଛି। ଏଥିସହ ଭାଲୁଟି ବନ ବିଭାଗ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ ମଧ୍ୟ କରିଥିଲା। ବନ କର୍ମଚାରୀ ନିଜକୁ ଛଡ଼ାଇବା ପାଇଁ ଭାଲୁ ସହ ଲଢ଼େଇ କରିଥିଲେ, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଅନ୍ୟପଟେ କାଙ୍କେର ବନ ବିଭାଗ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

ସୂଚନାନୁଯାୟୀ, ଗତ ଶନିବାର ସକାଳେ ଡଙ୍ଗରକଟା ଗ୍ରାମର ସୁକଲାଲ ଡାରୋ ଓ ଅଜୁ କୁରେଟି ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ଏଥିରେ ଘଟଣାସ୍ଥଳରେ ସୁକଲାଲ ଡାରୋଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅଜୁ କୁରେଟି ଗୁରୁତର ହୋଇଥିଲେ। ଏହାପରେ ଅଜୁ କୌଣସି ପ୍ରକାରେ ସେଠାରୁ ଖସି ଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ଗ୍ରାମବାସୀ ଏବଂ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁକଲାଲଙ୍କ ମୃତଦେହ ବାହାର କରିବାକୁ ଚେଷ୍ଟା କରିବା ସମୟରେ ଭାଲୁ ବନ କର୍ମଚାରୀ ନାରାୟଣ ଯାଦବଙ୍କୁ ଆକ୍ରମଣ କରିଥିଲା। ସମସ୍ତେ ବନ କର୍ମଚାରୀଙ୍କୁ ଉଦ୍ଧାର କରିବା ପରେ ଭାଲୁ ପୁଣି ଶୁକଲାଲଙ୍କ ବାପା ଶଙ୍କର ଡାରୋଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ମୃତଦେହକୁ ଜଙ୍ଗଲରୁ ବାହାରକୁ ଆଣିବା ପାଇଁ ଜେସିବିର ସାହାଯ୍ୟ ନେବାକୁ ପଡ଼ିଥିଲା ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି। ଆହତ ବନ କର୍ମଚାରୀଙ୍କୁ ରାୟପୁରର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳରେ ନିୟୋଜିତ ରହି ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି। ଜଙ୍ଗଲକୁ ନ ଯିବାକୁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା କାଙ୍କେର ଜିଲା ବନ ଅଧିକାରୀ ଆଲୋକ ବାଜପେୟୀ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଭାଲୁଟିକୁ ବନ ବିଭାଗ କାବୁ କରିପାରି ନାହିଁ।

# ଗୋବର୍ଲା ଗ୍ରାମର ଅରୁଣ ଦ୍ୱିତୀୟ, ସାହିଲ ତୃତୀୟ

## ୩୧ତମ ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା

ପାପଡ଼ାହାଣ୍ଡି, ୨୦।୧ (ସ୍ୱପ୍ନଜିତ ପଟ୍ଟନାୟକ)

୩୧ତମ ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମୁର୍ଲା ପଞ୍ଚାୟତ ଗୋବର୍ଲା ଗ୍ରାମର ୨ ଜଣ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଅରୁଣ ନାଗ ଓ ସାହିଲ ବାଗ। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଗତ ୧୭ରୁ



କୋଚ୍‌ଙ୍କ ସହ ଅରୁଣ ଓ ସାହିଲ।

୧୯ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସବ୍ ଜୁନିଅର ବାଳକ ବର୍ଗର ୫୩ କେଜିରେ ଅରୁଣ ନାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସବ୍ ଜୁନିଅର ବର୍ଗର ୫୩ କେଜିରେ ସାହିଲ ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଭୟ ନବରଙ୍ଗପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ନବରଙ୍ଗପୁର ପାୱାର ଲିଫଟିଙ୍ଗ ଆସୋସିଏସନର ପରିମଲ ସୁନା ଟିମ୍ କୋଚ୍‌ଭାବେ ପ୍ରତିଯୋଗିତାକୁ ଯାଇଥିଲେ।

# ବୋରିଗୁମ୍ମା ତହସିଲରେ ଯୋଗ ଦେଲେ ନୂତନ ତହସିଲଦାର



ବୋରିଗୁମ୍ମା, ୨୦।୧ (ବିଜୟ ସାହୁ)

ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଶୋଭନ କୁମାର ବେହେରା ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ ଦେବଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଚିଠି ନଂ୧୦୦୩/୨୫ରେ ବୋରିଗୁମ୍ମା ତହସିଲଦାର ଭାବେ ଶୋଭନ କୁମାରଙ୍କୁ ବଦଳି କରାଯାଇଛି। ବୋରିଗୁମ୍ମା ପ୍ରେସ୍ କ୍ଲବର ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଏଥିରେ ପ୍ରେସ କ୍ଲବ୍‌ର ସଭ୍ୟ କେ.ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର, ସୁଶୀଲ ଷଡଙ୍ଗୀ, ସୁକାନ୍ତ ମାଝୀ, ମାନସ ହୋତା ଓ ଗୋପାଳ ଡ଼ଙ୍ଗରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ତହସିଲଦାର ଅମୃତଲାଲ ବେହେରା ସମ୍ବଲପୁର ଜିଲା ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛନ୍ତି।

# ନେହେରୁ ଯୁବକେନ୍ଦ୍ରର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗରି, ୨୦।୧ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ନେହେରୁ ଯୁବକେନ୍ଦ୍ର ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଅଧିକାରୀ ହରିଶ ରୂପାଲ ଯୋଗ ଦେଇଥିଲେ । ଏହି ଅବସରରେ ମାଲକାନଗିରି ପୋଲିସ କର୍ମଚାରୀ ଓ ଟ୍ରାଫିକ୍ ପୋଲିସଙ୍କ ସହ



ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମାଲକାନଗିରି ମୁଖ୍ୟ ସଡ଼କରେ ହେଲ୍‌ମେଟ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲଦେଇ ଧନ୍ୟବାଦ ଜଣାଇଥିବା ବେଳେ ହେଲ୍‌ମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ସଚେତନ କରାଯାଇଥିଲା। ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ ନ ପିନ୍ଧିଲେ ତା'ର ପରିଣାମ ସମ୍ପର୍କରେ ଅବଗତ କରାଇବା ସହ ଗାଡ଼ି ଚଳାଇବା ସମୟରେ ମଦ୍ୟପାନ ଓ ମୋବାଇଲ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ନେହେରୁ ଯୁବକେନ୍ଦ୍ର ସଦସ୍ୟ ସନ୍ତୋଷ କୁମାର ପାତ୍ର, ଜଗନ୍ନାଥ ହନ୍ତାଳ ଓ ଗଣେଶ ଶିଶା ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ଡଙ୍ଗରଛିଞ୍ଚିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସରପଞ୍ଚ କମଳଲୋଚନ ଗାଦବା, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଜିପଡିଓ ଭାଗିରଥି ନାୟକ, ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଏପିଓ ସନ୍ତୋଷି ମହାପାତ୍ର ଓ ଅନ୍ୟ ଲାଇନ୍‌ର ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଆବାସ, ରାସ୍ତା ନିର୍ମାଣ, ଭତ୍ତା ଓ ପାନୀୟ ଜଳ ଯୋଗାଣ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ।

# ୨୨ ଅଭିଯୋଗ ଶୁଣିଲେ ଜିଲାପାଳ

କୋରାପୁଟ/ବୋରିଗୁମ୍ମା, ୨୦।୧ (ଅମିତାଭ ବେହେରା/ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭି.କୀର୍ତ୍ତି ଭାସନ ୨୨ ଅଭିଯୋଗର ଶୁଣିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ସିଡିଓ ବେଣୁଧର ଶବର, ଅତିରିକ୍ତ ଏସ୍‌ପି ମନୋଜ କୁମାର ପୂଜାରୀ, ସ୍ଥାନୀୟ ବିଡିଓ, ବ୍ଲକ୍ ଅଧ୍ୟକ୍ଷଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ୧୩ ବ୍ୟକ୍ତିଗତ ଓ ୯ଟି ଦଳଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ଶୁଣାଣିରେ ରାସ୍ତା ସମସ୍ୟା, ଏନଆରଇଜିଏ, ଆବାସ, ପଟ୍ଟା ସମସ୍ୟା, ମୋବାଇଲ ଟାୱାର ସମସ୍ୟା, ବିଦ୍ୟୁତ ଓ ପାଣି ଆଦି ସମସ୍ୟା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ୮ ଅଭିଯୋଗର ଶୁଣାଣି ଶିବିରରେ କରାଯାଇଥିଲା।




ଜିଲାପାଳ ଓ ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି ।

# ପିଲାଙ୍କୁ ଆକୃଷ୍ଟ କରୁଛି ବନ୍ଦେ ଭାରତ ସ୍ପିଡ଼ ଟ୍ରେନ୍ ଚିତ୍ର

କୋରୁକୋଣ୍ଡା, ୨୦।୧ (ଶିବଦତ୍ତ ସାହୁ)

■ ଆପନମାଲା ସ୍କୁଲ
■ ପଢ଼ିବାରେ ସୃଷ୍ଟି କରୁଛି ଆଗ୍ରହ

ଆପନମାଲା ଜଙ୍କସନରେ ପହଞ୍ଚି ସାରିଛି ବନ୍ଦେ ଭାରତ ସ୍ପିଡ ଟ୍ରେନ। କୁନି ଛାତ୍ରୀଛାତ୍ରଙ୍କ ପାଇଁ ଆପନମାଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲାସରୁମରେ ବନ୍ଦେ ଭାରତ ସ୍ପିଡ୍ ଟ୍ରେନ୍ ସଦୃଶ ଚିତ୍ର ଅଙ୍କାଯାଇଛି। ଏହା ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଆପନମାଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଳୀଙ୍କ ଉଦ୍ୟମରେ ଏହି ଚିତ୍ର ଅଙ୍କାଯାଇ ଛାତ୍ରୀଛାତ୍ରଙ୍କୁ ଏହାର ବିଶେଷତ୍ୱ ସମ୍ପର୍କରେ ଧାରଣା ଦେବା ସହ ବନ୍ଦେ ଭାରତ ସ୍ପିଡ ଟ୍ରେନ କ'ଣ ବୁଝାଇ ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି ଟ୍ରେନଟି କେବଳ ସପ୍ତାହରେ ୬ ଦିନ ଚାଲୁଥିବା ବେଳେ ରବିବାର ଏବଂ ସରକାରୀ ଛୁଟି ଦିନରେ ସେବା ବନ୍ଦ ରହେ। ଏହି ଟ୍ରେନଟି ଭାରତୀୟ ରେଳ ବିଭାଗର କୌଣସି ରେଳ ଲାଇନ୍ ଉପରେ ଗଡେ ନାହିଁ। କୁନି




ପିଲାମାନେ ବନ୍ଦେ ଭାରତ ସ୍ପିଡ୍ ଟ୍ରେନ୍ ଭଳି ଚିତ୍ରିତ କ୍ଲାସରୁମରେ ବସି ପାଠ ପଢୁଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହାର ବଗିରେ ଶିକ୍ଷାଦାନ କରୁଛନ୍ତି। ଶବ୍ଦହୀନ, ଗତିହୀନ ଏହି ଟ୍ରେନ ଏବେ ପିଲାମାନଙ୍କୁ ପଢିବା ପାଇଁ ଆଗ୍ରହୀ କରୁଛି। ମାଲକାନଗିରି ଜିଲାକୁ ଆଜି ପର୍ଯ୍ୟନ୍ତ ଟ୍ରେନ ନାହିଁ। ଛାତ୍ରୀଛାତ୍ର କେବଳ ବହିପତ୍ର ଏବଂ ଦୂରଦର୍ଶନରେ ଟ୍ରେନ ଦେଖିଛନ୍ତି। ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନର ବାଲା ଆକ୍ଟିଭିଟି ଯୋଜନା ମାଧ୍ୟମରେ ଏହା ପ୍ରସ୍ତୁତ ହୋଇଛି। ଏହି ଟ୍ରେନ ଛବି ଦେଖି ଛାତ୍ରୀଛାତ୍ର ବନ୍ଦେ ଭାରତ ସ୍ପିଡ୍ ଟ୍ରେନ୍ ସମ୍ପର୍କରେ ସମ୍ୟକ ଧାରଣା ପାଇବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମାହାଳୀ କହିଛନ୍ତି। ଏହା ଦେଖି ଛାତ୍ରୀଛାତ୍ର କହିଛନ୍ତି, ମୁଁ ମହାକୁମ୍ଭମେଳା, ଆଉ କେହି ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କୁ ଦେଖାକରିବା ପାଇଁ ନୂଆଦିଲ୍ଲୀ ଯାଉଛି । ଏହା ଏକ ନିଆରା ଅନୁଭୂତି । କୋମଳମତି ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ଆମ ଜିଲାରେ ଯେବେ ପ୍ରଥମେ ଟ୍ରେନ ଆସିବ ଆମେ ନିଶ୍ଚୟ ଦିଲ୍ଲୀଯାଇ ରାଷ୍ଟ୍ରପତିଙ୍କୁ ଭେଟିବୁ ବୋଲି କହିଥିଲେ। ମାଲକାନଗିରି ଜିଲା ଉପରେ ଭାରତ ସରକାରଙ୍କ ଦୃଷ୍ଟି ପଡ଼ିଲେ ଜିଲାକୁ ରେଳ ଚଳାଚଳ ସ୍ୱପ୍ନ ସାକାର ହୋଇପାରିବ ବୋଲି ଆଶା ରଖିଛନ୍ତି।

